# ବିରୂପା ପୁନରୁଦ୍ଧାର ପାଇଁ ଦାବି

କୁଆଁପାଳ,(ସବ୍ୟୁ) :ମାହାଙ୍ଗା ବ୍ଲକ ବରାହୀପୁର ପଂଚାୟତସ୍ଥିତ ମଣିଯୋରୀଠାରେ ମାହାଙ୍ଗା ବିରୂପା ବଂଚାଅ ଅଭିଯାନ କମିଟି ଓ ସହଯୋଗୀ ସଂଗଠନ ସେକ ମତଲୁବ ଅଲି ସ୍ମୃତି ସଂସଦ ମିଳିତ ଆନୁକୁଲ୍ୟରେ ବିରୂପା ବଂଚାଅ ଅଭିଯାନ ପକ୍ଷରୁ ବିରୂପା ନଦୀର ଖନନ ଓ ପୁର୍ନଉଦ୍ଧାର କାର୍ଯ୍ୟ ପାଇଁ ଦାବୀ ହୋଇଛି । ସାଲେପୁର ବାର ଆସୋସିଏସନର ପୂର୍ବତନ ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ଡଃ କାର୍ତିକ ଚନ୍ଦ୍ର ବରାଳ ଯୋଗଦେଇ ମହାନଦୀର ଶାଖା ବିରୂପା ନଦୀ ଏବେ ତାର ଅସ୍ତିତ୍ୱ ହରାଇବାକୁ ବସିଲାଣି । ଏହି ପବିତ୍ର ନଦୀର ଜଳକୁ ବ୍ୟବହାର କରି ନଦୀକୂଳିଆ ଲୋକମାନେ ଚାଷ ଠାରୁ ଆରମ୍ଭ କରି ପାନୀୟ ଜଳ ଓ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଚୌଦ୍ୱାର ଠାରେ ଥିବା ବିରୂପା ବ୍ୟାରେଜର ଉପର ମୁଣ୍ଡରେ ନଦୀ ଜଳ ଗଚ୍ଛିତ କରାଯାଉଥିବାବେଳେ ନିମ୍ନପାର୍ଶ୍ୱ ଏବେ ଶୁଷ୍କ ହେବା ସହ ନଦୀ ମୁହାଣ ପୋତି ହୋଇ ପଠା ସୃଷ୍ଟି ହେବା ଦ୍ୱାରା ନଦୀ ଜଳ ପ୍ରବାହିତ ବନ୍ଦ ହୋଇ ଆସିଲାଣି ।

ଏହି ନଦୀର ଅବବାହିକାରେ ଟାଙ୍ଗୀ ,ସାଲେପୁର, ମାହାଙ୍ଗା,ବଡଚଣା , ଡେରାବିଶ ,କେନ୍ଦ୍ରାପଡା ଆଦି ବହୁ ବ୍ଲକର ଜନଗହଳି ପୁର୍ଣ୍ଣ ଜନବସତି ଓ ହଜାର ହଜାର ଏକର ଉର୍ବର ଚାଷ ଜମି ରହିଛି । ବର୍ତମାନ ତ୍ରିବେଣୀଶ୍ୱର ଠାରୁ କୁସୁପୁର ପର୍ଯ୍ୟନ୍ତ ନଦୀ ଶଯ୍ୟା ବିଲୁପ୍ତ ହେବାକୁ ବସିଲାଣି । ଆଉ କିଛି ବର୍ଷ ପରେ ଏହି ନଦୀ ଏକ ମୃତ ନଦୀରେ ପରିଣତ ହୋଇଯିବ । ଯାହାକି ମାହାଙ୍ଗା ଅଂଚଳର କୃଷି ଓ କୃଷକ ପାଇଁ ବଡ ବିପଦର ଆଶଙ୍କା ସୃଷ୍ଟି କରିବ । ଏବେ ଦୁଇ ଶହ କୋଟି ଟଙ୍କାରୁ ଉର୍ଦ୍ଧ ଖର୍ଚ୍ଚ କରାଯାଇ ମେଗା ପାନୀୟ ଜଳ ପ୍ରକଳ୍ପ କରାଯାଉଥିବାବେଳେ ପାନୀୟ ଜଳ ମୁଖ୍ୟ ଉତ୍ସ ହେଉଛି ବିରୂପା ନଦୀ । ଏହି ନଦୀ ଶୁଖିଲା ପଡିଲେ ଏହି ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେବ ତାହାକୁ ନେଇ ବଡ ଆଶଙ୍କା ଦେଖାଦେଇଛି । ଯାହା ଫଳରେ ମାହାଙ୍ଗା ଅଂଚଳରେ ପାନୀୟ ଜଳର ଉତ୍କଟ ସଂଙ୍କଟ ଦେଖାଦେବାର ସମ୍ଭବନା ସୃଷ୍ଟି ହୋଇଛି । ତେଣୁ ଏହି ନଦୀର ଐତିହ୍ୟ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏହାର ଶଯ୍ୟା ଖନନ କରାଯାଇ ନଦୀ ଶଯ୍ୟାରୁ ପଠା ଉଚ୍ଛେଦ କରିବା ଏବଂ ଗୋବରୀ ଓ ବିରୂପାକୁ ସଂଯୋଗୀ କରଣ କରିବା , ଏହି ନଦୀର ନିମ୍ନଭାଗରେ ଏକାଧିକ ବ୍ୟାରେଜ ନିର୍ମାଣ କରି ଜଳକୁ ଗଚ୍ଛିତ ରଖିବା ,ବିରୂପା ନଦୀର ପୁନଃଉଦ୍ଧାର ନିମନ୍ତେ ସରକାରଙ୍କ ନିକଟରେ ଦାବୀ କରିବା ସହ ବିରୂପା ପାଇଁ ଏହି ସଂଗ୍ରାମ ଜାରୀ ରଖିବା ନିମନ୍ତେ ଉପସ୍ଥିତ ଥିବା ଗଣମାଧମର ପ୍ରତିନିଧି ମାନଙ୍କୁ ସୂଚନା ଦେଇଥିଲେ । ଏଥିରେ ଅତିଥିଭାବେ ଅନ୍ୟତମ ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ଯୁବ ସଂଗଠକ ସେକ ମସୁଦ ଅଲି,ଶିକ୍ଷାବିତ ଅରକ୍ଷିତ ପ୍ରଧାନ ପ୍ରମୁଖ ଯୋଗଦେଇ ବିରୂପା ନଦୀର ବର୍ତମାନ ଅବସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଏହି ଅଭିଯାନ କୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଅନୁରୂପ ଭାବେ ଗଣାମାଧମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ । ଶେଷରେ କ୍ଷୀରୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ନଳିନୀକାନ୍ତ ନାୟକ,ରମେଶ ଚନ୍ଦ୍ର ସାହୁ,ସମାଜସେବୀ ଶ୍ୟାମସୁନ୍ଦର ସାହୁ ,ଭ୍ରମରବର ଦାସ,ସୁକାନ୍ତ ନନ୍ଦ,ମାନସ ରଞ୍ଜନ ଦାସ ,କୁଶାସନ ମଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଚଣ୍ଡିଖୋଲ ସଂରକ୍ଷିତ ଜଙ୍ଗଲରେ ନିଆଁ



ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ମହାବିନାୟକ ସଂରକ୍ଷିତ ଜଙ୍ଗଲରେ ମଙ୍ଗବାର କୌଣସି କାରଣରୁ ନିଆଁ ଲାଗିଯାଇ ଶହଶହ ଗଛ ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ପାଖାପାଖି ଏକ ହେକ୍ଟରରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମିରେ ଥିବା ସମସ୍ତ ଗଛ ଗୁଡିକ ପୋଡ଼ିଯାଇଛି ।ଖବର ପାଇ ଚଣ୍ଡିଖୋଲ ବନ ବିଭାଗ ଅଗ୍ନିଶମ ବିଭାଗକୁ ଅବଗତ ଲାରିବା ପରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି ପାଞ୍ଚ ଘଣ୍ଟା ଧରି ପରିଶ୍ରମ ପରେ ନିଆଁ ଆୟତକୁ ଆସିଥିବା ଜଣାପଡିଛି । ତେବେ ଖରା ସାଙ୍ଗକୁ ହାଲୁକା ପବନ ବହୁ ଥିବାରୁ ନିଆଁ ଧୀରେଧୀରେ ଜଙ୍ଗଲକୁ ବ୍ୟାପିବାରେ ଲାଗିଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ ବୋଲି ଉଭୟ ବନ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ କେତେକ ଅସାଧୁ ବ୍ୟକ୍ତି କୋଇଲା ସଂଗ୍ରହ ଲାଳସାରେ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଆଲୋଚନା ହେଉଛି ।

# ସିଡିପିଓଙ୍କୁ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଅଙ୍ଗନୱାଡି ସଂଘର ଦାବିପତ୍ର

ରାଜନଗର,(ସବ୍ୟୁ) : ରାଜନଗର ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ରାଜନଗରରୁ ବିଦା କରିବା ପାଇଁ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରର୍ସ ଆସୋସିଏସନ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନର ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ରାଜନଗର ବ୍ଲକ ସଂଘର ସଭାନେତ୍ରୀ ଲୀଳାବତୀ ବେହେରା , ଉପସଭାନେତ୍ରୀ ରମାବତୀ ସ୍ୱାଇଁ , ସହ ସମ୍ପାଦିକା ମିନତୀ ଭୂୟାଁ , ମଞ୍ଜୁବାଳା ମଲ୍ଲିକ ପ୍ରମୁଖ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ଭେଟି ରାଜନଗର ସିଡିପିଓଙ୍କୁ ରାଜନଗରରୁ ହଟାଇବା ପାଇଁ ଦାବି କରିଛନ୍ତି । ଦାବିପତ୍ରରେ ଗତ ୨୪ ତାରିଖ ସେକ୍ଟର ବୈଠକରେ କର୍ମୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ଥାନାରେ ଅଭିଯୋଗ କରିଥିଲୁ । ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଅର୍ଥ ଆଦାୟ କରୁଛନ୍ତି , ତମେ ଖାଉଛ , ଅଧା ମୋତେ ଦିଅ ବୋଲି ମାଗିବା ସହିତ ଦରମା ବନ୍ଦ କରିବା ନେଇ ଧମକ ଦେଉଛନ୍ତି । ଏପରି ଦୁର୍ନୀତି ଖୋର ସିଡିପିଓଙ୍କୁ ଏଠାରୁ ବଦଳି କରିବା ପାଇଁ ଦାବି କରିଛନ୍ତି । ଦାବି ପୂରଣ ନହେଲେ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଜିଲ୍ଲାପାଳ ଅଙ୍ଗନବାଡି ସଂଗଠନର କର୍ମକର୍ତାଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ ।

ଏଠାରେ ସୂଚନା ଯୋଗ୍ୟ ଅଲ ଓଡିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କରସ ଆସୋସିଏସନ କେନ୍ଦ୍ରାପଡ଼ା ଶାଖା ର ଜିଲ୍ଲା ସମ୍ପାଦିକା ପୁଷ୍ପ ଲତା ରଥଙ୍କ ନେତୃତ୍ୱରେଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ଙ୍କୁ ସାକ୍ଷାତ କରି ଦାବିପତ୍ର ଦେବାସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସମସ୍ୟା ଗୁଡିକର ଖୁବ ଶୀଘ୍ର ସମାଧାନ କରାଯିବାର ପ୍ରତିଶ୍ରୁତି ପାଇଲା ପରେ ସେଠାରୁ ଫେରିଥିଲେ ।

# ୯୫୦ ଲିଟର ମଦ ଜବତ : ୯ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, (ସବ୍ୟୁ) :କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ମାର୍ଶାଘାଇ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ଜଗନ୍ନାଥ ଖିଲାରଙ୍କ ଠାରୁ ୧୩୦ ଲିଟର ଦେଶୀ ମଦ, ଲିଲି ଖିଲାରଙ୍କ ଠାରୁ ୧୫୦ ଲିଟର ଦେଶୀ ମଦ, ସର୍ବେଶ୍ୱର ଖିଲାରଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ରବି ଖିଲାରଙ୍କ ଠାରୁ ୧୬୦ ଲିଟର ଦେଶୀ ମଦ, ତୁଳସୀ ପୁର ଗ୍ରାମର ବିକାଶ ସାହୁଙ୍କ ଠାରୁ ୮ ଲିଟର ଦେଶୀ ମଦ ଏବଂ ଭିତରସୁବଳ ଗ୍ରାମର ତୁଷର ରାଉତଙ୍କ ଠାରୁ ୪୬୦ ଲିଟର ଦେଶୀ ମଦ ଜବତ କରାଯାଇଅଛି ଏବଂ କେନ୍ଦ୍ରାପଡ଼ା ଉପ ଜିଲ୍ଲପାଳଙ୍କ ନିର୍ଦ୍ଦେଶକ୍ରମେ ତାଳଚୁଆ ମେରେଇନ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ରାଜେନ୍ଦ୍ରନଗର ଗ୍ରାମର ଭାନୁ ପରିଡାଙ୍କ ଠାରୁ ୧୧ ଲିଟର ଦେଶୀ ମଦ, ଶିବା ବେରା, ବୟସ-୪୧ ଙ୍କ ଠାରୁ ୬ ଲିଟର ଦେଶୀ ମଦ ଏବଂ ପ୍ରଭତି ଗ୍ରାମର ଭାରତୀ ଦାସଙ୍କ ଠାରୁ ୫ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି ।

ଏମାନଙ୍କ ପାଖରୁ ସମୁଦାୟ ୯୫୦ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳା ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତ । ଏହି ଚଢ । ଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ଅବକାରୀ ଉପ ନିରିକ୍ଷକ ଶ୍ରୀମତୀ କଳ୍ପନା ରାଉତ, ଅବକାରୀ ସହ ଉପ ନିରିକ୍ଷକ ପ୍ରଦୀପ କୁମାର ମଳିକ, ଜଗନ୍ନାଥ ବେଶ। ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ମାନପୁର ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ମାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଅମୁଲ୍ୟ କୁମାର ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରସୁଲପୁର ବି ଇ ଓ ସୁଦର୍ଶନ ମଲ୍ଲିକ ,ମୁଖ୍ୟବକ୍ତା ଅବସର ପ୍ରାପ୍ତ ବି ଇ ଓ ନୀଳାମ୍ବର ମିଶ୍ର, ସମ୍ମାନିତ ଅତିଥି ଏ ବି ଇ ଓ ଅରୁଣ କୁମାର ସେଠି ,ଡ଼ଃ ପ୍ରବଞ୍ଜନ ପତି ଶାନ୍ତିଲତା ରାଉତ ଯୋଗ ଦେଇ ଅମୁଲ୍ୟ ସାର ଙ୍କ ସୁଲଭ ଗୁଣ ସେବା ଛାତ୍ରଛାତ୍ରୀଙ୍କୁ ଭଲ ପାଇବା ଉପରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସି ଆର ସି ସି ବସନ୍ତ କୁମାର ସାମଲ ଆଲୋଷ୍ଟ ସଭାପତି ବିକ୍ରମ କୁମାର ଦାସ ,ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ ,ସରପଞ୍ଚ ଝରଣା ତରାଇ ,ପ୍ରାଥମିକ ସଂଘ ସଭାପତି ଚିତ୍ତରଞ୍ଜନ ରଥ ,ସମ୍ପାଦକ ମହେନ୍ଦ୍ର ମଲ୍ଲିକ ,ପରିଚାଳନା କମିଟି ସଭାପତି ନିରଞ୍ଜନ ପଢିଆରି ଯୋଗ ଦେଇ ଅମୁଲ୍ୟ ସାରଙ୍କ ଛାତଛାତ୍ରୀ ଙ୍କୁ ଭଲ ପାଇବା ଉପରେ କହିଥିଲେ । ଶିକ୍ଷକ ଆନନ୍ଦ ଚନ୍ଦ୍ର ପାତ୍ର ଅତିଥି ପରିଚୟ ,କ୍ଷୀରୋଦ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହାକୁ ପି ବିଶ୍ୱଜିତ ,ବିପିନ ବିହାରୀ ମଲ୍ଲିକ, କାର୍ତ୍ତିକେଶ୍ୱର ଭୂୟାଁ, ଶୁକଦେବ ପ୍ରସାଦ ପାତ୍ର ,ଲକ୍ଷ୍ମୀପ୍ରିୟା ରଣା, ରମେଶ ଚନ୍ଦ୍ର ଜେନା ,ଲକ୍ଷ୍ମୀପ୍ରିୟା ସାହୁ ,ପ୍ରମିତା ରାଉତ ,ଅର୍ଚନା ନାୟକ ରବୀନ୍ଦ୍ର ମହାନ୍ତି ଯୋଗ ଦେଇ ଅମୁଲ୍ୟ ସାର ଙ୍କ ଦକ୍ଷତା ଉପରେ କହିଥିଲେ ।

# ଆଦିବାସୀ ନାବାଳିକାକୁ ଅପହରଣ ପରେ ବଳାତ୍କାର : ଯୁବକ ଗିରଫ

ଚଣ୍ଡିଖୋଲ/ଚଡେଇଧରା,(ସବ୍ୟୁ) :ଜଣେ ୧୫ବର୍ଷ ବୟସ୍କ ଆଦିବାସୀ ନାଁବାଳିକାକୁ ଅପହରଣ କରିନେଇ ବଳାତ୍କାର କରିବା ଅଭିଯୋଗରେ କାମାନ୍ଧ ଯୁବକକୁ ଜେନାପୁର ଥାନା ପୋଲିସ ଗିରଫକରି ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି । ଗିରଫ ଯୁବକର ନାମ ରଞ୍ଜନ ମହାରଣା(୨୫) ଓ ତାର ଘର ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ କଣ୍ଟାବନ୍ଧି ଗ୍ରାମରେ ବୋଲି ଜଣାପଡିଛି । ସଂପୃକ୍ତ ଯୁବକ ଜଣକ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତର ଏହି ଆଦିବାସୀ ନାଁବାଳିକାକୁ ୧୫ ଦିନ ପୂର୍ବରୁ ଅପହରଣ କରିନେଇ ଅଜ୍ଞାନ୍ତ ସ୍ଥାନରେ ରଖି ତାକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏତଲା ପାଇବା ପରେ ପୋଲିସ ଜେନାପୁର ଥାନାରେ ୮୭/୨୫ରେ ଏକ ମମଲା ପଞ୍ଜିକରଣ କରି ତଦନ୍ତ ଚଳାଇଥିଲା । ତେବେ ଗତକାଲି ସଂପୃକ୍ତ ଯୁବକକୁ ପୋଲିସ ଗିରଫ କରିଥିଲା । ମଙ୍ଗଳବାର ଦିନ ପିଡିତା ଓ ଆଭିଯୁକ୍ତ ଯୁବକର ଡାକ୍ତରୀ ମାଇନା କରାଇବା ପରେ ପୋଲିସ ଝିଅକୁ ତାଙ୍କ ପରିବାର ଯିମା ଦେଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ଯାମୀନ ଖାରଜ ହେବାଯୋଗୁଁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗର ପାଠ୍ୟଚକ୍ର



ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସନାଲ ଡେଭଲପମେଣ୍ଟ ଅଫ ଟିଚର ଶୀର୍ଷକ ଏକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏହି ପାଠ୍ୟଚକ୍ର କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟପକ ଶ୍ରୀ ଜ୍ୟୋତି ପ୍ରକାଶ ଲେଙ୍କା ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହିତ ପାଠ୍ୟଚକ୍ର ସମ୍ବନ୍ଧରେ ବ୍ୟକ୍ତବ୍ୟ ରଖିଥିଲେ । ପାଠ୍ୟଚକ୍ର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମନଲୋଭା ପ୍ରଧାନଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା ଏବଂ ସେ ପାଠ୍ୟଚକ୍ର ଶୀର୍ଷକ ବିଷୟ ବସ୍ତୁ ଉପରେ ବାସ୍ତବତାକୁ ବିସ୍ତୃତ ଆଲୋଚନା କରିଥିଲେ । ଉକ୍ତ ଆଲୋଚନଚକ୍ରର ସମ୍ବଳ ବ୍ୟକ୍ତିତ୍ୱ ଭାବେ ଡକ୍ଟର ସସ୍ମିତା ପାତ୍ର ବିଷୟ ବସ୍ତୁ ଉପରେ ସବିଶେଷ ଆଲୋଚନା କରିଥିଲେ । ପାଠ୍ୟଚକ୍ରରେ ବିଶିଷ୍ଟ ଅତିଥି ଭାବେ ପ୍ରାଧ୍ୟାପକ ବିଭୁତି ଭୂଷଣ ସ୍ୱାଇଁ, ପ୍ରାଧ୍ୟାପକ ଚନ୍ଦ୍ର ଶେଖର ପୁହାଣ, ଅଧ୍ୟାପକ ପ୍ରଭାତ କୁମାର ଶତପଥି, ହୃଦାନନ୍ଦ ସ୍ୱାଇଁ, ତୁଷାର କାନ୍ତ ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ଦାସ, ଅଧ୍ୟାପିକା ବିଜୟିନୀ ପଢିହାରୀ ପ୍ରମୁଖ ଯୋଗଦେଇ ଆଲୋଚନ ଉପରେ ବକ୍ତବ୍ୟ ରଖିଥିଲେ । ଉକ୍ତ ପାଠ୍ୟଚକ୍ରର ବିଭାଗର ଅଧ୍ୟାପକ ଡକ୍ଟର ନିକୁଞ୍ଜ ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସର୍ବ ଶେଷରେ ଅଧ୍ୟାପିକା ସୁଚିତ୍ରା ମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନା ଚକ୍ରରେ ବିଭାଗର ଛାତ୍ରୀ ଲୋପାମୁଦ୍ରା ଦାଶ, ଅଲିଭା ସ୍ୱାଇଁ, ସ୍ୱାତି ସୁଭଦ୍ରିକା ସ୍ୱାଇଁ, ଅର୍ପିତା ପରିଡା ଓ ଅଙ୍କିତ ପଟ୍ଟନାୟକଙ୍କ , ବିଭାଗୀୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ

ବିଞ୍ଝାରପୁର,(ସବ୍ୟୁ) :ବିଦ୍ୟାଳୟ କୁ ଠିକ୍ ସମୟରେ ଆସୁନାହାନ୍ତି ଶିକ୍ଷୟତ୍ରୀ । ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ କରାଇବା ସହ ସେମାନଙ୍କୁ ମାନସିକ ଓ ଶାରୀରିକ ର୍ନିଯ୍ୟାତନା ଦେବା, ସର୍ବୋପରି ମନମାନି କରୁଥିବା ଅଭିଯୋଗ କରି ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ବସି ରହିଥିଲେ । ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଲୁଣିଡିହ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ । ଅଭିଯୋଗ ଅନୁଯାୟୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ଏହି ବିଦ୍ୟାଳୟରେ ପାଠ ପଢନ୍ତି ୪୬ ଜଣ ଛାତ୍ରଛାତ୍ରୀ । ଏଠାରେ ଅଛନ୍ତି ୨ ଜଣ ଶିକ୍ଷକ । କିନ୍ତୁ ବିଦ୍ୟାଳୟରେ ନିଯୁକ୍ତ ଥିବା ଶିକ୍ଷୟତ୍ରୀ ସାରଥୀ ମଲ୍ଲିକ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବା ବେଳେ ଶିକ୍ଷାଦାନ ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ କରାଯାଉଥିବା ଅଭିଯୋଗ କରିଛନ୍ତି ଛାତ୍ର ଛାତ୍ରୀ ଏବଂ ଅଭିଭାବକ । ଠିକ୍ ସମୟରେ ନ ଆସୁଥିବା ବେଳେ ବିଦ୍ୟାଳୟ ରେ ଶିକ୍ଷାଦାନରେ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ପିଲାମାନଙ୍କ ଦ୍ୱାରା ଶିକ୍ଷୟତ୍ରୀ ଜଣକ ପାଇଖାନା ସଫା କରୁଥିବା ଅଭିଯୋଗ ହୋଇଛି । ବିଇଓଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲା ଓ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବାରୁ ବିଦ୍ୟାଳୟରେ ତାଲା ପକାଇଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ ।ତୁରନ୍ତ ସାରଥୀ ମଲ୍ଲିକଙ୍କ ପରିବର୍ତ୍ତେ ଅନ୍ୟ ଶିକ୍ଷକଙ୍କୁ ନିୟୋଜିତ କରିବାକୁ ଦାବି କରିଛନ୍ତି ଛାତ୍ର ଛାତ୍ରୀ ଏବଂ ଅଭିଭାବକ । ବିଦ୍ୟାଳୟ ବନ୍ଦ ଖବର ପାଇ ଘଟଣାସ୍ଥଳରେ ଏବିଇଓ ସେକ୍ ନିଜାମୁଦ୍ଦିନ ଓ ବିଞ୍ଝାରପୁର ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚିଥିଲେ । ଧାରଣୀକୁ ଓହରିଯିବା ପାଇଁ ଏବିଇଓ ଅନୁରୋଧ କରିବା ସହିତ ସେମାନଙ୍କର ଦାବୀ ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ସିରିଜ ଦୁର୍ଘଟଣା, ଜଣେ ଗୁରୁତର

ପାଣିକୋଇଲ,(ସବ୍ୟୁ) : କୋରାଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଧନପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତି୧ଟା ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ହାଇୱା ଚାଳକ ଗୁରୁତର ଆହତ ହୋଇଛି । ପ୍ରକାଶଯେ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ ପାଣିକୋଇଲି ମଝି ଧନପୁର ଛକ ନିକଟରେ ଏକ ଆଇଚର ଟ୍ରକର ଚାଳକ ଗାଡି ରଖି ତଳକୁ ଯାଇଥିଲା । ତାର ସମ୍ମୁଖରେ ଏକ ହାଇୱା ମଧ୍ୟ ଅଟକି ନିକଟସ୍ଥ ଦୋକାନକୁ ଯାଇଥିଲା । ଏହି ସମୟରେ ଏକ ହାଇୱା ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ଆଇଚର ଫଚରେ ପିଟିଦେଇଥିଲା । ଯାହା ଦ୍ୱାରା ହାଇୱାର ଆଗଟି ଆଇଚର ପଛରେ ଫସି ରହିଥିଲା । ଫଳରେ ଆଇଚରଟି ଆଗରେ ଥିବା ହାଇୱା ପଛରେ ପିଟି ହୋଇଥିଲା । ସିରିଜ ଦୁର୍ଘଟଣା ପରେ ଆଗରେ ଥିବା ହାଇୱାଟି ଫେରାର ହୋଇଯାଇଥିଲା । ପଛରେ ଥିବା ହାଇୱାଟି ଦୁର୍ଘଟଣା ପରେ ଚାଳକ ଗାଡିରୁ ବାହାରି ପାରିନଥିଲା । ଖବର ପାଇ ସ୍ଥାନୀୟ ଲୋକବମାନେ ସେଠାରେ ପହଂଚି ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳେ ପୁଲିସ ଓ ଯାଜପୁରରୋଡ ଦମକଳ ବାହିନୀ ପହଂଚି କଟରରେ କାଟି ଚାଳକୁ ଗୁରୁତର ଅବସ୍ଥାରେ ବାହାର କରିଥିଲେ । ହାଇୱାର ଚାଳକକୁ ଉଦ୍ଧାର କରି ଡ଼ାକ୍ତରଖାନାକୁ ପଠାଯାଇଥିଲା । ପୁଲିସ ଦୁର୍ଘଟଣା ଗସ୍ତ ହାଇୱା ଓ ଆଇଚରକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ

ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଡେରାବିଶ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୩ ପ୍ରଥମ ବର୍ଷ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆଜି ଉଦ୍ଘାଟିତ ହୋଇଯାଇଛି । ଡେରାବିଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ର ଶେଖର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବରେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଅଧ୍ୟାପକ ବିଶ୍ୱଜିତ ସାହୁ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ମହିଳାମାନେ ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ କିଛି କଳାକୌଶଳ ହାସଲ କରିବା ଉଚିତ୍ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଅଧ୍ୟାପିକା ଡ. ରୁଦ୍ରାଙ୍ଗୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କୁ ଉଲଗ୍ନ କରି ମାଡ଼ ଘଟଣା, ଦୁଇ ଗିରଫ

କେନ୍ଦ୍ରାପଡ଼ା, (ସ୍ୱପ୍ର ):ମହିଳାଙ୍କୁ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ ମାରିଲେ ଯୁବକ । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ସମଲପୁର ଗାଁ ରେ ଘଟିଛି ଏହି ଘଟଣା । ତେବେ ମହିଳାଙ୍କୁ ଉଲଗ୍ନ କରି ମାଡ ମରାଯିବାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି । ମିଳିଥିବା ସୂଚନା ଅନୁଯାୟୀ ପୂର୍ବ ଶତ୍ରୁତାକୁ ନେଇ ସମଲପୁର ଗାଁ ର ଜନୈକା ଯୁବତୀଙ୍କୁ ଆଜି ପୂର୍ବାହ୍ନରେରେ କିଛି ଯୁବକ ଆକ୍ରମଣ କରିଥିଲେ । ସେ ଚିତ୍କାର କରିବାରୁ ତାଙ୍କ ମା' ଘଟଣା ସ୍ଥଳରେ ପହଂଚି ଝିଅକୁ ବଞ୍ଚାଇବା ପାଇଁ ଉଦ୍ୟମ କଲାବେଳେ ଆକ୍ରମଣକାରୀ ତାଙ୍କୁ ମାଡ଼ମାରି ଉଲଗ୍ନ କରି ଦେଇଥିଲେ । ଏ ନେଇ ଯୁବତୀଜଣକ ସଦର୍ ଥାନାରେ ଅଭିଯୋଗ କରିଛନ୍ତି । ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା କୁହାଯାଉଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ସମଲପୁର ଗାଁ ପୋଲିସ ଛାଉଣୀରେ ପରିଣତ ହୋଇଛି । ଏ ନେଇ ପୋଲିସ ଦୁଇ ଜଣକୁ ଗିରଫ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏ ନେଇ କାହାର ପ୍ରତିକ୍ରିୟା ମିଳି ପାରି ନାହିଁ । ପୀଡିତା ତାଙ୍କ ଏତଲାରେ ୧୦ ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି ।

# ସିଆରପିଙ୍କ ଘରୁ ଚୋରି

ଧର୍ମଶାଳ,(ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ଉତରପ୍ରତାପ ପଂଚାୟତତରେ ଜଣେ ସି ଆର ପି ଙ୍କ ଘରୁ ଦିନ ଦି ପହର ସମୟରେ ଘର ଗ୍ରିଲ ଭାଙ୍ଗି ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କା ମୁଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଉତରପ୍ରତାପ ପଂଚାୟତ ର ସସ୍ମିତା ଭଦ୍ର କିଛି ଦିନ ହେବ ମିଶନ ଶକ୍ତି ର ସି ଆର ପି ହୋଇଥିବା ବେଳେ ପଂଚାୟତ ର ଏମ ବି କେ ନଥିବା କାରଣ ରୁ ସେ ଏବେ ତାଙ୍କ ଦାୟିତ୍ୱ ରେ ଅଛନ୍ତି। ଗାଁରେ ନିର୍ମାଣ ହୋଇଥିବା ନୂତନ ଘରେ ସେ ଏକାକି ରହୁଥିବା ବେଳେ ସୋମବାର ପୁର୍ବହ୍ନରେ ସେ ଘର ଗ୍ରିଲ୍‌ରେ ଚାବି ପକାଇ ଅଫିସ କାର୍ଯ୍ୟରେ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ରେ ଥିବା ସମୟରେ ଗାଁର ପୁରୁଣା ଘରେ ରହୁଥିବା ତାଙ୍କ ଶ୍ୱଶୁର ଆସି ଦେଖନ୍ତିତ ନୂତନ ଘରର ଗ୍ରୀଲ କେହି ଭଙ୍ଗି ଦେଇ ସବୁ କିଛି ଲୁଟପାଟ କରି ଫେରାର ହୋଇଯାଇଛି । ଏନେଇ ତାଙ୍କ ଶଶୁର ସସ୍ମିତା ଙ୍କୁ ଖବର ଦେବା ପରେ ସେ ଆସି ଦେଖନ୍ତିତ ସେ ଘର ଆଲମିରାରରେ ରଖିଥିବା ୩୦ହଜାର ଟଙ୍କା ଓ ତିନି ଭରି ପାଖାପାଖି ସୁନା ଅଳଙ୍କାର ଚୋରି ହୋଇଯାଇଥିବା ଜାଣିଥିଲେ । ଏନେଇ ସସ୍ମିତା ଧର୍ମଶାଳା ପୁଲିସକୁ ନିକଟରେ ଅଭିଯୋଗ କରିବା ପରେ ପୁଲିସ ୧୨୧/୨୫ରେ ଏକ ମାମଲା ରୁଜୁ କରି ସାଇନଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଛି ।

# ବିଜେପି ନେତା ହିମାଂଶୁଙ୍କ ସାଲେପୁର ବିଡିଓଙ୍କ ସହିତ ଆଲୋଚନା

ସାଲେପୁର,(ସବ୍ୟୁ) : ସାଲେପୁର ବ୍ଲକରେ ନିଜର ସମର୍ଥକ ଓ ବିଜେପି କାର୍ଯ୍ୟ କର୍ତ୍ତାଙ୍କୁ ନେଇ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ରଙ୍କୁ ଭେଟି ଛନ୍ତି ବିଜେପି ନେତା ହିମାଂଶୁ ମହାନ୍ତି । ଟାଙ୍ଗୀ ସାଲେପୁରରେ ବିଜେପି ସଙ୍ଗଠନକୁ କ୍ରିୟାଶିଳ କରୁଥିବା ବିଜେପି ନେତା ହିମାଂଶୁ ମହାନ୍ତି ସାଧାରଣ ଲୋକଙ୍କ ସମସ୍ୟା ଓ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତ ।

ଆଜି ସାଲେପୁର ବ୍ଲକ୍ କାର୍ଯ୍ୟାଳୟରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଭେଟି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି, ଲୋକଙ୍କ ସମସ୍ୟା ଯଥା ରାସନ କାର୍ଡ, ସାମାଜିକ ଭତ୍ତା, ପ୍ରଧାମନ୍ତ୍ରୀ ଆବାସ ଯୋଜନା, ଆପତ୍ତି- ଅଭିଯୋଗର ଯଥାସମ୍ଭବ ଦିଗରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ବୁଥ୍, ପଞ୍ଚାୟତ ଓ ବ୍ଲକସ୍ତରୀୟ ନେତୃମଣ୍ଡଳୀମାନେ ଏବଂ ଜନସାଧାରଣଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲେ । ବିଜେପି ସଂଗଠକ ହିମାଂଶୁ ମହାନ୍ତି ଗଣମାଧମକୁ କହିଛନ୍ତି ଗୋଟିଏ ବି ହିତାଧିକରୀ ସରକାରଙ୍କ ଜନମଙ୍ଗଳ ଯୋଜନାରୁ ବାଦ ନ ପଡ଼ିବା ଦରକାର । ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିକାଶ ର ଡବଲ ଇଞ୍ଜିନ ସରକାର୍ ଚାଲିଛି । ବିକାସର ଚିହ୍ନ ବ୍ଲକ୍ ପ୍ରଶାସନ ଗ୍ରାଉଣ୍ଡ ଜିରୋରେ ପହଞ୍ଚିବା ସଠିକ୍ ଢଙ୍ଗରେ ଦରକାର । ସାଧାରଣ ଲୋକଙ୍କ ପ୍ରତି ଅନ୍ୟାୟ ହେଲେ ଯୋଜନା ଆବଣ୍ଟନରେ ପ୍ରିୟାପ୍ରୀତି ପୋଷଣ ହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବୁ । ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ବିଶ୍ୱାଳ, ରିତେଶ ଦାସ,ମାନସ କରଣ,କାର୍ତ୍ତିକ ବେହେରା, ରାଜୀବ ଦ୍ୱିବେଦୀ, ବିଜୟ ମହାନ୍ତି, ପ୍ରତାପ ବିଶ୍ୱାଳ, ଟୁନା ଦତ୍ତ, ଚନ୍ଦନ ସାମଲ, କିଶୋର ସାହୁ,କଳିଙ୍ଗରଞ୍ଜନ ମହାନ୍ତି,ର୍ନିମଳା ସିଂ,ରୀନା ବରାଳ, ସଞ୍ଜୟ କାଣ୍ଡି,ଶଶିକାନ୍ତ ମହାନ୍ତିଙ୍କ ସହିତ ଶତାଧିକ ବୁଥ୍, ପଞ୍ଚାୟତ ଓ ବ୍ଲକ ସ୍ତରୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ନୀଳାଚଳ ଇସ୍ପାତ ନିଗମରେ ରାସାୟନିକ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ପୂର୍ଣ୍ଣାଙ୍ଗ ମକ୍ ଡ୍ରିଲ



ବ୍ୟାସନଗର ,(ଜିପ୍ର ) : ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ନୀଳାଚଳ ଇସ୍ପାତ ନିଗମ ଠାରେ ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସଡିଏମଏ)ର ସହଯୋଗରେ ଆୟୋଜିତ ଏହି ମକ୍ ଡ୍ରିଲ୍ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ, ସରକାରୀ ଏଜେନ୍ସି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡିକ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା । ନୀଳାଚଳ ଇସ୍ପାତ ନିଗମ, ଟାଟା ଷ୍ଟିଲ କଳିଙ୍ଗନଗର ଓ ଜିନ୍ଦଲ ଷ୍ଟେନଲେସ୍ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀମାନେ ପାରସ୍ପରିକ ସହଯୋଗୀ ସହାୟକ ଭାବେ ଏହି ମକ ଡ୍ରିଲରେ ଅଂଶଗ୍ରହଣ କରିଥିଲେ ।ମକ୍ ଡ୍ରିଲକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଜରୁରୀକାଳୀନ ଅପରେସନ୍ ସେଣ୍ଟରର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ସଂଯୋଜନା କରିଥିଲେ । ନୀଳାଚଳ ଇସ୍ପାତ ନିଗମ କାରଖାନା ଭିତରେ ଥିବା ପାୱାର ପ୍ଲାଣ୍ଟରେ ଥିବା ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଟ୍ୟାଙ୍କ ଷ୍ଟୋରେଜରେ ସମ୍ଭାବ୍ୟ ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଲିକ୍ କ୍ଷେତ୍ରରେ ଏହାର ପ୍ରଶମନ କ୍ଷମତା ପରୀକ୍ଷା କରିବା ଏହି ମକ୍ ଡ୍ରିଲର ଉଦେଶ୍ୟ ଥିଲା । ମକ୍ ଡ୍ରିଲ୍ ସମୟରେ ଟିମ୍ ର୍ନିଦ୍ଧାରିତ ସମୟ ସୀମା ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ର୍ନିଦ୍ଦିଷ୍ଟ ସ୍ଥାନରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବା, ସମ୍ଭାବ୍ୟ ସଙ୍କଟକୁ ଠିକ୍ ସମୟରେ ତଦାରଖ କରି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାରିକ ପ୍ରଶିକ୍ଷଣ ପ୍ରୋଟୋକଲ୍ ଅଭ୍ୟାସ କରାଯାଇଥିଲା । ମକ୍ ଡ୍ରିଲରେ ଯାଜପୁର ଜିଲା ଦାନଗଦୀ ତହସିଲଦାର ରଣଜିତ କୁମାର ମଲ୍ଲିକ, କାରଖାନା ଓ ବଏଲରର ଉପନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଓଏସପିସିବିର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ ହିମାଂଶୁ ଶେଖର ସାହୁ, ଓଡିଆରଏଫ୍ ର ସହକାରୀ କମାଣ୍ଡାଣ୍ଟ ନରେଶ ବେହେରା, ଯାଜପୁର ରୋଡ ଅଗ୍ନିଶମ କେନ୍ଦ୍ର, ସହକାରୀ ଅଗ୍ନିଶମ ଅଧିକାରୀ ତଥା ଟିମ୍ ଲିଡର ତାପସ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବାଲିଅନ୍ତା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ସାମ୍ବାଦିକଙ୍କ ଆନ୍ଦୋଳନ ଜାରୀ

# ସମର୍ଥନ ଦେଲେ ଜନପ୍ରତିନିଧି, ଘେରିବେ ବିଧାନସଭା



ବାଲିଅନ୍ତା,(ସବ୍ୟୁ) :ଜୟଦେବ ର୍ନିବାଚନ ମଣ୍ଡଳୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ମାନେ ଗତମାସ ୨୪ ତାରିଖରେ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସାମ୍ବାଦିକଙ୍କୁ ଅଧ୍ୟକ୍ଷାଙ୍କ ଦୁର୍ବ୍ୟବହାରରେ ବାଲିଅନ୍ତା ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ୯ ଦିନ ଧରି ଗଣତାନ୍ତ୍ରିକ ଉପାୟରେ ଶାନ୍ତିଶୃଙ୍ଖଳାର ସହ ଏହି ଧାରଣା ଅବ୍ୟାହତ ରହିଥିଲେ ମଧ ଜିଲ୍ଲା ପ୍ରଶାସନ ତରଫରୁ ସେମାନଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ବହୁ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି।ପ୍ରଶାସନର ଏହି ମନୋବୃତିକୁ ଦୃଢ଼ ପ୍ରତିବାଦ କରି ମଙ୍ଗଳବାର ଦିନ ସତ୍ୟଭମାପୂର୍ ସରପଞ୍ଚ ରଶ୍ମିତା ଭୋଇ, ସମିତିସଭ୍ୟା ରଶ୍ମିତା ସ୍ୱାଇଁ, ପୂରଣପ୍ରଧାନ ସମିତିସଭ୍ୟା ମମତା ମାହାରୀ, କାକରୁଦ୍ରପୂର୍ ସମିତିସଭ୍ୟା ମିଲିଲତା ବେହେରା, ଉମାଦେଇବ୍ରହ୍ମପୂର୍ ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ ମହାପାତ୍ର ଧାରଣାରେ ସାମିଲ ହୋଇଥିଲେ।କାର୍ଯ୍ୟକ୍ରମରେ ଟୁଇନ ସିଟି ପ୍ରେସ କ୍ଲବର ସଭାପତି ସନାତନ ପରିଜାଙ୍କ ସହିତ ଅନ୍ୟ କର୍ମକର୍ତ୍ତା ପ୍ରଣବ ବିଶ୍ୱାଳ ଓ ଭବାନୀ ପାତ୍ର ଯୋଗ ଦେଇଥିଲେ। ସେହିପରି ବିଡ଼ିଓ ଏବଂ ତହସିଲଦାର ସାମ୍ବାଦିକ ମାନଙ୍କ ସହିତ ଆଲୋଚନା କରି ଧାରଣା ପ୍ରତ୍ୟାହାର ପାଇଁ କହିଥିଲେ ମଧ ଏହା ସମ୍ମାନର ପ୍ରଶ୍ନ ହୋଇଥିବାରୁ ସାମ୍ବାଦିକ ମାନେ ଅଧ୍ୟକ୍ଷାଙ୍କ ଉପସ୍ଥିତି ଦାବି କରିଥିଲେ। ମଙ୍ଗଳବାର ଦିନ ସେମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଓ ପଂଚାୟତରାଜ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। ଆବଶ୍ୟକ ସ୍ଥଳେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ଆଗାମୀ ଦିନରେ ବିଧାନସଭା ଘେରିବେ ବୋଲି କହିଛନ୍ତି ଅସନ୍ତୁଷ୍ଟ ସାମ୍ବାଦିକ ।ମଙ୍ଗଳବାର ଦିନ ଏହି ଧାରଣାରେ ଡ଼.ରଜନୀ ରଞ୍ଜନ ଦାଶ, ନିରଞ୍ଜନ ସେନାପତି, ସୂର୍ଯ୍ୟକାନ୍ତ ଭୋଳ,ପୀତବାସ ଦାଶ, ବିଭୁତି ପ୍ରଧାନ,ବଟକୃଷ୍ଣ ମହାପାତ୍ର,କିଶୋର ନାୟକ, ଲୁକେଶ ସାହୁ, ଗଦାଧର ଜେନା, ପ୍ରଭାତେଂଶୁ ସାମନ୍ତରାୟ, ଆଶୁତୋଶ ଚୌଧୁରୀ, ପ୍ରଳୟ ଦାଶ, ଗୋବର୍ଦ୍ଧନ ଦାସ, ରୂପକ ପଟ୍ଟନାୟକ, ଗୁରୁବଚନ ଦାଶ, ନବକିଶୋର ନାୟକ ପ୍ରମୁଖଙ୍କ ସହିତ ବହୁ ସାମ୍ବାଦିକ ଏଠାରେ ଉପସ୍ଥିତ ରହି ଦାବି ପୁରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତି ନେଇଛନ୍ତି।

## ସ୍କୁଟି-ବାଇକ ମୁହାଁମୁହିଁ : ୩ ଗୁରୁତର

ବାଲୁଗାଁ ,(ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନ ସମୟରେ ବାଲୁଗାଁ ଥାନା ନିକଟ ସିଙ୍ଗେଶ୍ୱର ଗ୍ରାମ ଛକ ଠାରେ ଏକ ସ୍କୁଟି ଓ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲମ୍ବୋଦରପୁର ଗ୍ରାମର ଦୁଇ ଜଣ ଯୁବକ ସନ୍ତୋଷ କୁମାର ସେଣ (୨୮), ଓ ଦୀପକ ରାଉତରାୟ (୨୨) ପୂର୍ବାହ୍ନ ପ୍ରାୟ ୧୧ ଟାରେ ଏକ ସ୍କୁଟି ଯୋଗେ ବାଲୁଗାଁରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ବିଷ୍ଣୁଡିହ ଗ୍ରାମର ଯୁବକ ଅମିତ ସୁବୁଦ୍ଧି (୨୪) ଏକ ହିରୋହୁଣ୍ଡା ଗ୍ଲାମର ବାଇକରେ ବାଲୁଗାଁ ଅଭିମୁଖେ ଆସୁଥିବା ବେଳେ ଶିଙ୍ଗେଶ୍ୱର ଗ୍ରାମ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା ।ଫଳରେ ୩ ଜଣ ଆରୋହୀ ଗୁରୁତର ହୋଇଥିଲେ ।ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ତିନି ଜଣ ଯୁବକଙ୍କୁ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସଠାରେ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାଲୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ବାଣ ବିସ୍ଫୋରଣରେ ଉଡ଼ିଲା ଘର : ୨ ଗୁରୁତର

ବୋଲଗଡ଼ ,(ସବ୍ୟୁ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଦେଉଳି ବଡ଼ ସାହିରେ ମଙ୍ଗଳ ବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବାଣ ବିସ୍ଫୋରଣରେ ଘର ଉଡ଼ିଯିବା ସହ ୨ ଗୁରୁତର ହୋଇଛନ୍ତି। ବାଣ ବ୍ୟବସାୟୀ ଅଶୋକ ମଲ୍ଲିକ (୪୫) ଘରେ ନିଜର ବ୍ୟବସାୟ ପାଇଁ ବାଣ ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ପାଖରେ ସାହାର୍ଯ୍ୟ କରୁଥିବା ପତ୍ନୀ ସୁକାନ୍ତିଙ୍କ ସହ ଅଶୋକ ଗୁରୁତର ଆହତ ହୋଇଥିଲେ। ଏହା ସହିତ ଦୁଇ ବଖରା ଆଜବେଷ୍ଟସ ଘର ଉଡ଼ିଯାଇଛି ।ଘରର ଆସବା ପତ୍ର ମଧ ନଷ୍ଟ ହୋଇଯାଇଛି ।ପ୍ରଚଣ୍ଡ ଶବ୍ଦ ଶୁଣି ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ହୋଇଥିବା ସ୍ୱାମୀ ଓ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ରେ ନିକଟସ୍ଥ ବେଗୁନିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଛ ଅଶୋକ ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏ ମ୍ ସ୍ ରେ ଭର୍ତ୍ତି କରାଯାଇଛି ।ଏହି ବିସ୍ଫୋରଣ ସମୟରେ ଉପସ୍ଥିତ ଥିବା ପରିବାର ଅନ୍ୟ ୭ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଅଶୋକ ପୂର୍ବରୁ ବାଣ ବ୍ୟବସାୟ ଅଭିଯୋଗରେ ଗିରଫ ହୋଇଥିବାର ବେଗୁନିଆ ଥାନା ସୂତ୍ରରୁ ପ୍ରକାଶ। ଏହି ଘଟଣାକୁ ନେଇ ବେଗୁନିଆ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବାର ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଠାରୁ ପ୍ରକାଶ ।

# ଡାକ୍ତରଙ୍କ ବଦଳି ବାତିଲ ଦାବିରେ ସ୍ମାରକପତ୍ର

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରଠାରେ ଥିବା ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ କାର୍ଯ୍ୟରତ ଦୁଇ ଜଣ ଡାକ୍ତରଙ୍କ ବଦଳି ହୋଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏଠାରେ ଆବଶକତା ଅନୁଯାୟୀ ଡାକ୍ତରଙ୍କର ଘୋର ଅଭାବ ଥିଲାବେଳେ ସେଥିରୁ ପୁଣି ଦୁଇ ଜଣଙ୍କୁ ଅନ୍ୟ ତ୍ରବଦଳି ନିର୍ଦ୍ଦେଶ କ'ଣ ପାଇଁ ବୋଲି ସାଧାରଣରେ ପ୍ରଶବାଚୀ ସୃଷ୍ଟି କରିଛି। ଘଟଣାରୁପ୍ରକାଶ ଯେ, ୪ଟି ନିର୍ବାଚନ ମଣ୍ଡଳୀର ଜନ ସାଧାରଣ ସ୍ୱାସ୍ଥସେବା ପାଇଁ ଏହି ଅଡ଼ଶପୁରଗୋଷ୍ଠୀ ସ୍ୱାସ୍ଥ ଉପରେ ପ୍ରତ୍ୟକ୍ଷଭାବେ ନିର୍ଭରଶୀଳ। ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗଡାକ୍ତର ନଥିଲାବେଳେ ଶିଶୁ ରୋଗ ବିଶେଷଜ୍ଞ ମଧ ନାହାନ୍ତି ।ଏପରିସ୍ଥଳେ ଏଠାରେ କାର୍ଯ୍ୟରତ ଦୁଇ ଜଣ ଚିକିତ୍ସକ ଡାକ୍ତର ସନ୍ତୋଷକୁମାର କାଣ୍ଡୁଲା ଏବଂ ଡାକ୍ତର ନଳିନୀକାନ୍ତ ରଥଙ୍କୁ କଟକ ଜିଲା ମାଣିଆବନ୍ଧ ସ୍ୱାସ୍ଥକେନ୍ଦ୍ରକୁ ଅଚାନକ ବଦଳି କରାଯାଇଛି। ଯାହାଫଳରେ ଏଠାରେ ସ୍ୱାସ୍ଥସେବା ଗୁରୁତରଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟିହୋଇଛି। ଏ ନେଇ ଜାରି ହୋଇଥିବା ନିର୍ଦ୍ଦେଶନାମା ତୁରନ୍ତ ପ୍ରତାହାର କରିବାକୁସାଧାରଣରେ ଦୃଢ଼ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଭାତ କୁମାର ପ୍ରଧାନ,ବିଷ୍ଣୁଚରଣ ନାୟକ, ସୁଶିଲ ମହାନ୍ତି, କବି ପ୍ରସାଦ ମହାନ୍ତି, ସୁଜିତ ଜେନା, ରାଜେନ୍ଦ୍ର ପରିଡ଼ା,ସୁକାନ୍ତ ପ୍ରହରାଜ, ଦମୟନ୍ତୀ ମହନ୍ତ ଓ ପ୍ରକାଶ ଦାସ ପ୍ରମୁଖ ଅଞ୍ଚଳବାସୀ ଏକ ସ୍ମାରକପତ୍ର ଜିଲାମୁଖ ଚିକିତ୍ସାଧିକାରୀଙ୍କ ଉଦେଶରେ ପ୍ରଦାନ କରି ବଦଳି ଆଦେଶ ତୁରନ୍ତ ରଦ୍ଦ କରିବାକୁଦାବି କରିଛନ୍ତି। ନଚେତ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାସ୍ଥକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

### ଠେଙ୍ଗା ମାଡ଼ରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# ଦୁଇଦିନ ପରେ ଜଙ୍ଗଲରୁ ମିଳିଲା ହତ୍ୟାକାରୀର ଝୁଲନ୍ତା ଶବ

ଦଶପଲ୍ଲା ,(ସବ୍ୟୁ) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦୁଡା ପଞ୍ଚାୟତର ଦୁଡା ଗ୍ରାମରେ ଠେଙ୍ଗା ମାଡ଼ରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି ଛ ମୃତ ବୃଦ୍ଧଙ୍କ ନାମ ସାରସ୍ତ ଜାନୀ( ୬୨ ) ନାମକ ଜାଣ ବୃଦ୍ଧଙ୍କର ମୃତ୍ୟୁ ଘଟିଥିଲା।ତାଙ୍କ ଘର ତଲାପାଙ୍କୁ ଗ୍ରାମରେ ବୋଲି ପୋଲିସ ସୂତ୍ର ରୁ ଜଣାପଡିଛି ।ତେବେ ଏହିଘଟଣାର ୨ ଦିନ ପରେ ହତ୍ୟାକାରୀର ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଆଦିବାସୀ ବହୁଳ ଦୁଡା ଗ୍ରାମରେ ରବିବାର ସନ୍ଧ୍ୟାରେ ସାରସ୍ତ ଏକ ଦୋକାନ ସମ୍ମୁଖରେ ବସିଥିବା ବେଳେ ଉକ୍ତ ଗ୍ରାମର ଯୋଗେନ୍ଦ୍ର ମଲିକ ହଠାତ ଏକ ଠେଙ୍ଗା ଦ୍ୱାରା ତାଙ୍କ ମୁଣ୍ଡକୁ ଏକ ଶକ୍ତ ପାହାର ପକାଇଥିଲେ। ଫଳରେ ଘଟଣାସ୍ଥଳରେ ବୃଦ୍ଧ ସାରସ୍ୱତ ଜାନୀଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରୁ ଯୋଗେନ୍ଦ୍ର ଫେରାର ହୋଇ ଯାଇଥିବା ବେଳେ ଏହି ଘଟଣାରେ ବାଣିଗୋଛା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଘଟଣାର ଦୁଇଦିନ ପରେ ହତ୍ୟାକାରୀ ଯୋଗେନ୍ଦ୍ରର ଝୁଲନ୍ତା ଶବ କୁ ପୋଲିସ ତଲାପାଯୁ ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର କରିଛି । ଯୋଗେନ୍ଦ୍ର ହତ୍ୟା କରିବା ପରେ ନିଜେ ଆତ୍ମ ହତ୍ୟା କରିଛି ନା ତାକୁ ହତ୍ୟା କରାଯାଇଛି ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ନବ ନିଯୁକ୍ତ ଆତ୍ମା ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପିପିଲି ,(ସବ୍ୟୁ) : ମଙ୍ଗଳବାର ଦିନ ବାରଟା ବେଳେ ପିପିଲି ଆତ୍ମା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଆତ୍ମା ବୈଠକରେ ସର୍ବ ସମ୍ମତି କ୍ରମେ ସୁବୋଧ କୁମାର ମହାନ୍ତି ଅଧକ୍ଷ ଭାବେ ମନୋନୀତ ହେବା ପରେ ବୈଠକ ରେ ଉପସ୍ଥିତ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆତ୍ମାର ସ୍ଥାୟୀ ସଦସ୍ୟ ପିପିଲି ପଞ୍ଚାୟତ ସମିତି ଅଧକ୍ଷା ଦେବସ୍ୱିନୀ ନନ୍ଦ ଉପାଧକ୍ଷ ପ୍ରଫୁଲ୍ଲ କୁମାର ସ୍ୱାଇଁ ଜିଲ୍ଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମଲିକଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା,କୃଷି ଅଧିକାରୀ ଶସ୍ମିତା ମହାନ୍ତି, ସାକ୍ଷୀଗୋପାଳ କୃଷି ଅଧିକାରୀ ଅଜୟ କୁମାର କର ପ୍ରମୁଖ ଏବଂ ଆତ୍ମାର କର୍ମ କର୍ତ୍ତା ମାନେ ନବ ନିଯୁକ୍ତ ଅଧକ୍ଷ ସୁବୋଧ କୁମାର ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅଧକ୍ଷ ଶ୍ରୀଯୁକ୍ତ ମହାନ୍ତି ପୂର୍ବରୁ ଦୁଇଥର ସରପଞ୍ଚ ଥିଲେ ଏବଂଜଣେ ସମାଜ ସେବୀ ଭାବେ ଅଂଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଲୋକଙ୍କର ବିଭିନ୍ନ ସମସ୍ୟା ଗୁଡିକୁ ସମାଧାନ କରି ବେଶ ଲୋକ ପ୍ରିୟତା ଅର୍ଜନ କରିଛନ୍ତି।କୃଷି ଓ କୃଷକ ମାନଙ୍କ ଉନ୍ନତି ମୋର ମୂଳ ଲକ୍ଷ ବୋଲି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି।

# କାମରେ ଆସୁନି ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗ୍ରାମୀଣ ପାର୍କ

ନିମାପଡା,(ସବ୍ୟୁ): ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିମାପଡା ବ୍ଲକର ବିଭିନ୍ନ ପଂଚାୟତରେ ନିର୍ମାଣ ହୋଇଥିବା ଗ୍ରାମୀଣ ପାର୍କ ଲୋକଙ୍କ କାମରେ ଆସୁନଥିବା ଅଭିଯୋଗ ହେଉଛି । ଗତ ବିଜେଡି ସରକାରଙ୍କ ସମୟରେ ଗ୍ରାମାଚଂଳରେ ଶିଶୁ ଓ ବୟସ୍କ ବ୍ୟକ୍ତି ମାନଙ୍କ ଆମୋଦ ପ୍ରମୋଦ ନିମନ୍ତେ ପ୍ରତି ପଂଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଥିଲା । ମାତ୍ର ବର୍ତ୍ତମାନ ସେଗୁଡିକ ରକ୍ଷାଣ ବେକ୍ଷଣ ଅଭାବରୁ ବଣ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବା ପରିଲକ୍ଷିତ ହେଉଛି । ପ୍ରତି ପାର୍କ ନିର୍ମାଣ ପାଇଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ପାର୍କରେ ଶିଶୁମାନଙ୍କ ନିମନ୍ତେ ଭାଲୁ,ବାଘ,ହରିଣ,ଜିରାଫ,ଘୋଡା ଆଦି ବିଭିନ୍ନ ପଶୁ ପକ୍ଷୀଙ୍କ ପ୍ରତିକୃତୀ ନିର୍ମିତ ସହିତ ଲାଇଟ,ପାଣିଟ୍ୟାପ,ପିଲାମାନଙ୍କ ଖେଳିବା ଲାଗି ଦୋଳି,ଖସଡା ଆଦି ତିଆରୀ କରାଯାଇଥିଲା । ପାତଃ ଓ ସଂଧ୍ୟା ଭ୍ରମଣ ପାଇଁ ପାଦଚଲା ରାସ୍ତା ଓ ବ୍ୟାୟାମ କରିବା ପାଇଁ ବିଭିନ୍ନ ବ୍ୟାୟାମ ସାମଗ୍ରୀ ଲଗାଯାଇଥିଲା । ଗ୍ରାମୀଣ ପାର୍କ ଦେଖି ଗ୍ରାମାଚଂଳରେ ବସବାସ କରୁଥିବା ବୟସ୍କ,ଯୁବ ଓ ଛୋଟ ଛୋଟ ପିଲା ବେଶ ଖୁସି ହୋଇ ଯାଇଥିଲେ । ନିମାପଡା ବ୍ଲକର ଭୋଦର, ତୁଳସୀପୁର, ତମ୍ପାଳୋ, ବାହାରଣା, ଭିଲିଗ୍ରାମ, ତେରୁଣ୍ଡିଆ, ଡେଣୁଅଁ, ହରିପୁର,ବଳଙ୍ଗା,ରେଚଂ ଶାସନ,ନୂଆ ସନ୍ଥ ଓ ଅଲଣ୍ଡା ୧୨ ଟି ପଂଚାୟତରେ ଗ୍ରାମୀଣ ପାର୍କ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ଛଣିଜଙ୍ଗ,ଚଅଁରପଦା,ସାଇଁଶ ଓ ବାମନାଳ ୪ଟି ପଂଚାୟତରେ ପାର୍କ କାର୍ଯ୍ୟ ଅଂସପୂର୍ଣ୍ଣ ହୋଇ ପଡିରହିଛି । ପୂର୍ଣ୍ଣାଙ୍ଗ ହୋଇଥିବା ପାର୍କ ଉଦ୍ଘାଟନ ପରେ ସ୍ଥାନୀୟ ଲୋକେ କିଛିଦିନ ପର୍ଯ୍ୟନ୍ତ ଆମୋଦ ପ୍ରମୋଦ ପାଇଁ ବ୍ୟବହାର କରିବା ସହିତ କୁନି କୁନି ପିଲା ପାର୍କକୁ ଆସି ଖେଳି ମଜା ଉଠାଉଥିଲେ। ତେବେ ପାର୍କର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗ୍ରାମୀଣ ପାର୍କ ଗୁଡିକ ସୌନ୍ଦର୍ଯ୍ୟ ହରାଇବାରେ ଲାଗିଲା । ଜୀବଜନ୍ତୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଯିବା ସହିତ ଆଲୋକ ନ ଜଳିବା,ଅନାବନା ଗଛ ଉଠି ପାର୍କ ଭିତର ଜଙ୍ଗଲରେ ପରିଣତ ହେବାରୁ ବିଶାକ୍ତ ଜୀବଜନ୍ତୁଙ୍କ ଜରାଭୁଇଁ ପାଲଟିଛି । ସଂଧ୍ୟା ହେଲେ ଅନ୍ଧାର ଏବଂ ବନ୍ଦ ହୋଇ ପଡିଥିବା ଏହି ପାର୍କ ଗୁଡିକରେ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି । ନିର୍ମାଣଧିନ ଗ୍ରାମୀଣ ପାର୍କ ଗୁଡିକର ପୁନରୁଦ୍ଧାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

# ଶୁଦ୍ଧାନନ୍ଦରେ ଆନ୍ତଃକଲେଜ ପ୍ରତିଯୋଗିତା



ଫୁଲନଖରା, (ସବ୍ୟୁ) : ସଦର ଥାନା ନଚ୍ଛିପୁରସ୍ଥିତ ଶୁଦ୍ଧାନନ୍ଦ ସ୍କୁଲ ଅଫ ମାନେଜମେଣ୍ଟ ଆଣ୍ଡ କମ୍ପୁଟର ସାଇନ୍ସ ଆନୁକୂଲରେ ଆନ୍ତକଲେଜ ପ୍ରତିଯୋଗିତା 'ୟୁନିସ୍ପାର୍କ-୨୦୨୫' କଲେଜ ପରିସରରେ ଆରମ୍ଭ ହୋଇଛି।ଏଥିରେ ରାଜର ୧୨ଟି ଇଂଜିନିୟରିଙ୍ଗ କଲେଜର ଶତାଧିକ ପ୍ରତିଯୋଗୀ କ୍ରିକେଟ, ଚେସ, କାରମ,ନୃତ, ରଙ୍ଗୋଲି, କୁଇଜ, ରାମ୍ପସୋ ଆଦି ବିଭାଗରେ ଅଂଶ ଗ୍ରହଣ କରିଥିଲେ। ବ୍ୟାଙ୍କ ଅଫ ମହାରାଷ୍ଟ୍ର ଆଞ୍ଚଳିକ ମୁଖ ରବିଶଙ୍କର କୁମାର, ୟାରମାନ ଇଂ.ସୁନିଲକୁମାର ପଟ୍ଟନାୟକ, ଡିନ ପ୍ରଫେସରରଞ୍ଜନକୁମାର ସାହୁ, ଅଧକ୍ଷା ଡଃ.ସରିତା ନାୟକ ଓ ନିର୍ଦ୍ଦେଶିକା ସୁଦୀପ୍ତା ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ପ୍ରିୟଙ୍କା ପ୍ରିୟଦର୍ଶନୀରାୟ କାର୍ଯକ୍ରମ ସଞ୍ଚାଳନ କରିଥିଲେ।

# ନୂଆଗାଁ ମହୋତ୍ସବକୁ ନେଇ ତେଜିଲା ବିବାଦ

ନୂଆଗାଁ, (ସବ୍ୟୁ) : ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦରମହକୁମାରେ ଥିବା କଲେଜ ସମ୍ମୁଖ ପଡ଼ିଆରେ ଆଉ ଦିନକ ପରେ ୬, ୭, ୮ ତିନିଦିନ ଧରି ଅନୁଷ୍ଠିତ ହେବ ୨ୟ ନୂଆଗାଁ ମହୋତ୍ସବ-୨୦୨୫ । ହେଲେ ଏହି ନୂଆଗାଁ ମହୋତ୍ସବକୁ ନେଇ ତେଜିଲା ବିବାଦ। ଛାତ୍ରଛାତ୍ରୀ ଓ ଅଭିଭାବକ ଏବଂ ଜନ ଅସନ୍ତୋଷ। ପରୀକ୍ଷା ବେଳେ ନୂଆଗାଁ ମହୋତ୍ସବ ଏହା ପିଲାମାନଙ୍କ ପାଠପଢା ଉପରେ ବ୍ୟାଘାତ ସୃଷ୍ଟି କରିବା ସହିତ ସେମାନଙ୍କ ଭବିଷ୍ୟତ ଉପରେ କୁ ପ୍ରଭାବ ପକାଇ ବୋଲି ବୁଦ୍ଧିଜୀବୀ ଙ୍କ ମହଲରେ ଚାଲିଛି ଚର୍ଚ୍ଚା । ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ଗତ ଫେବୃଆରୀ ୨୮ରେ ହୋଇଥିବା ନୟାଗଡ଼ ଜିଲ୍ଲାପରିଷଦ ନବମ ସାଧାରଣ ଅଧିବେଶନ ସୃଜନ ସଭାଗୃହରେ ଅନୁଷ୍ଠିତ ବୈଠକରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଥିବା ହାଇସ୍କୁଲ ପଡିଆରେ ମହୋତ୍ସବ କରିବାକୁ କିଭଳି ଅନୁମତି ଦିଆଯାଇଛି ବୋଲି ଜୋନ ନଂ ୧୭ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା ପ୍ରଶ୍ନ କରିବା ସହ ଏହାକୁ ବାତିଲ କିମ୍ବା ସ୍ଥାନାନ୍ତରି କରିବାକୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ତତ ସହିତ ନୂଆଗାଁ ଅଞ୍ଚଳର କିଛି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାକୁ ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଥିଲେ। କିନ୍ତୁ ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି କୌଣସି ଦୃଷ୍ଟି ଦେଇନଥିବା ଶୁଣିବାକୁ ମିଳିଛି ।ଯାହାକି ସମସ୍ତ ଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଫେବୃଆରୀ ତା ୨, ୩, ୪, ୫ ରିଖ ୪ଦିନ ବ୍ୟାପି ଆଜକୁ ୭ବର୍ଷ ଧରି ବ୍ଲକର ୨୨ଟି ପଞ୍ଚାୟତର ଅଞ୍ଚଳବାସୀଙ୍କ ସହଯୋଗରେ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶେଷ ହୋଇଥିବା ବେଳେ ଏହାକୁ ବିଜେଡି ସମର୍ଥିତ ଲୋକେ କରିଛନ୍ତି କହି ବର୍ତ୍ତମାନ ବିଜେପି ସରକାରକୁ ଆସିବା ପରେ କିଛି ବିଜେପି ସମର୍ଥିତ କୁଚକ୍ରୀ ଏହାକୁ ରାଜନୀତି କରଣ କରି ସମଗ୍ର ଅଞ୍ଚଳର ଭାଇଚାରା ନଷ୍ଟ କରିବା ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ବୁଦ୍ଧିଜୀବୀମାନଙ୍କ ଠାରୁ ଶୁଣିବାକୁ ମିଳିଛି । ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି କି ପଦକ୍ଷେପ ନେଉଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଛି ।

# ଅରିଲୋ ମେଳଣ ସମୀକ୍ଷା କଲେ ପୁଲିସ

ଫୁଲନଖରା, (ସବ୍ୟୁ) : ସଦର ଥାନା ଅଞ୍ଚଳର ପ୍ରସିଦ୍ଧ ତଥା ବୃହମ ଅରିଲୋ ମେଳଣ ସୁପରିଚାଳନା ନେଇ ପୁଲିସ ପକ୍ଷରୁସମୀକ୍ଷା କରାଯାଇଛି। ମଙ୍ଗଳବାର ସଦର ଥାନା ଆଇଆଇସି ଓମପ୍ରକାଶ ମହାନ୍ତି ଓ ଏସିପି ଅମିତାଭ ମହାପାତ୍ରଅରିଲୋ ଗ୍ରାମକୁଯାଇ ମେଳଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ କରି ଜନାର୍ଦ୍ଦନ ପୀଠରୁ ଦୋଳବିମାନ ଶୋଭାଯାତ୍ରା ଆରମ୍ଭ ସ୍ଥଳ ଓ ଦୋଳ ମେଳଣ ପଡ଼ିଆ ବୁଲି ଦେଖିବା ସହିତ ପ୍ରସେସନ ପଥ ତଦାରଖକରିଥିଲେ। ୫୦ରୁ ଉର୍ଦ୍ଧ୍ୱ ସଂଖକ ଦୋଳ ବିମାନ ଅଂଶ ଗ୍ରହଣ କରୁଥିବା ଏହି ପ୍ରସିଦ୍ଧ ମେଳଣକୁଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନେଇ ଦୋଳ କମିଟି କାର୍ଯକର୍ତ୍ତା ଓ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। ଏହିସମୟରେ ମେଳଣ ଶାନ୍ତି କମିଟି ସଭାପତି ସୁନ୍ଦରପବିତ୍ର ଦାସ, କାର୍ଯକାରୀ ସଭାପତି ପର୍ଶୁରାମ ସେନାପତି, ସାମ୍ବଦିକ ଲଳିତକୁମାର ଦାଶ, ପ୍ରଶାନ୍ତ ନାୟକ, ଆଦିକନ୍ଦ ସାହୁ, ବିପିନ ମହାନ୍ତି,ଅଶୋକ ରଥ ପ୍ରମୁଖ ଅଧିକାରୀ, ମାର୍ଫତଦାର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ଗୁରୁବାର ସଂଧାରେ ପ୍ରତ୍ୟେକ ଦୋଳ କମିଟି କର୍ମକର୍ତ୍ତାଙ୍କ ମଧ୍ୟରୁ ଦୁଇ ଜଣ ଲେଖାଏଁ ସଦସଙ୍କୁ ନେଇ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଥାନା ପରିସରରେ ଅନୁଷ୍ଠିତ ହେବ ବୋଲି ଆଜି ନିଷ୍ପତ୍ତି ହୋଇଛି।

# ଦଶପଲ୍ଲା ଏନଏସିର ୧୯ ତମ ଅଧିବେଶନ



ଦଶପଲ୍ଲା, (ସବ୍ୟୁ) :ମଙ୍ଗଳବାର ଦଶପଲ୍ଲା ଏନ ଏ ସି ର ୧୯ ତମ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି । ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ଅଞ୍ଜନ ଦାସ, ଉପାଧକ୍ଷ କିଶୋର ଚନ୍ଦ୍ର ଦାସ, କାର୍ଯ୍ୟ ର୍ନିବାହୀ ଅଧିକାରୀ ଅଭିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ମୁଖ୍ୟତଃ ଏହି ଅଧିବେଶନ ରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରାଯାଇଥିଲା। ପାଖା ପାଖି ୫ କୋଟି ଟଙ୍କା ର ବଜେଟ ଉପସ୍ଥାପନା କରାଯାଇଥିବା ବେଳେ ଏଥିରେ ରାସ୍ତା, ଡ୍ରେନ ଓ କମ୍ୟୁନିଟି ସେଣ୍ଟର ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ସହ ପାନୀୟ ଜଳର ସୁ ବ୍ୟବସ୍ଥା, ଜଳ ଟିକସ ଆଦାୟ, ହୋଲଡିଂ ଟାକ୍ସ ଆଦାୟ, ମାର୍କେଟ କମ୍ପ୍ଲେକ୍ସ କୁ କାର୍ଯ୍ୟକାରୀ କରିବା ଆଦି ଆଲୋଚନା କରାଯାଇଥିଲା । ବିଶେଷ ଭାବେ ଦଶପଲ୍ଲା ଏନ ଏସି ଅଧିନ ରେ ଥିବା ନାରାୟଣ ଗଞ୍ଜ ହାଟକୁ ତିନିଥର ନିଲାମ କରାଯାଇଥିବା ବେଳେ ଅଧିକ ଅର୍ଥ ଦର୍ଶାଇ ଏହା ନିଲାମ ହୋଇ ପାରି ନ ଥିଲା ମାତ୍ର ପରବର୍ତୀ ସମୟରେ ଜିଲ୍ଲାପାଳଙ୍କ ନିଷ୍ପତି ଅନୁଯାଇ ହାଟ ନିଲାମ ଅର୍ଥ କମ କରାଯାଇ ନିଲାମ ପ୍ରଦାନ କରାଯାଇଥିବା ସମ୍ପର୍କରେ କାଉନସିଲରମାନେ ଜାଣି ନଥିବା ପ୍ରକାଶ କରିଥିଲେ ।ଯାହାକୁ ନେଇ କାଉନସିଲର ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।ଏହାସହ ଏନ ଏ ସି ମଧ୍ୟରେ ଜନ୍ମମୃତ୍ୟୁ ପଞ୍ଜି କରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଆଇସିଡିଏସକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶେଷରେ କାର୍ଯ୍ୟର୍ନିବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି ୧୯ ତମ ଅଧିବେଶନ ।

# ଉପକୂଳ ରାଜପଥ ପାଇଁ ଚିହ୍ନଟ ଜମିରେ ପୋତାଗଲା ଖୁମ୍ବ

ଅସ୍ତରଙ୍ଗ,(ସବ୍ୟୁ) : ରାମେଶ୍ୱର ଠାରୁ ଦୀଘା ପର୍ଯ୍ୟନ୍ତ ୩୪୬ କିଲୋମିଟର ପ୍ରସ୍ତାବିତ ଉପକୂଳ ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉପକୂଳ ଅଞ୍ଚଳରେ ଜମି ଚିହ୍ନଟ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବରୁ ପ୍ରଥମ ନକ୍ସା ଓ ଦ୍ୱିତୀୟ ନକ୍ସାରେ ଉପକୂଳ ଅଞ୍ଚଳ ସମୁଦ୍ର ପତନ ଠାରୁ ୧୦ କିମି ଦୂରରେ ଯିବା ପାଇଁ ସ୍ଥିର ହୋଇଥିଲା। କୋଭିଡ୍ ପରବର୍ତ୍ତୀ ସମୟରେ ନକ୍ସା ପରିବର୍ତ୍ତନ କରାଯାଇ ତୃତୀୟ ନକ୍ସା ଯୋଜନାରେ ଚଞ୍ଚକତା କରି ଅସ୍ତରଙ୍ଗ ସମୁଦ୍ରକୂଳ ଠାରୁ ୩୦ କିମି ଦୂର ନାଉଗାଁ ବ୍ଲକ ଦେଇ ଯିବା ପାଇଁ ସ୍ଥିର ହୋଇଥିଲା। ଏହି ନିଷ୍ପତ୍ତିକୁ ବିରୋଧ କରି ବାଲିକୁଦା ଅସ୍ତରଙ୍ଗ ମିଳିତ ଉପକୂଳ କ୍ରିୟାନୁଷ୍ଠାନ ସଙ୍ଗଠନ ପକ୍ଷରୁ ସରକାରଙ୍କ ଏହି ପ୍ରକଳ୍ପକୁ ପୁନର୍ବାର ବିଚାର କରିବା ସହ ଉପକୂଳ ରାଜପଥ ର୍ନିମାଣ ହେବାର ମୂଳ ଲକ୍ଷ୍ୟ ସାଧନ ପାଇଁ ନିବେଦନ କରାଯାଇଥିଲା। ବିଧାୟକ, ମନ୍ତ୍ରୀ, ଜିଲ୍ଲାପାଳ, ସାଂସଦ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ଜାତୀୟ ରାଜପଥ ପ୍ରାଧିକରଣ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା ଛ ଏପରିକି ପୂର୍ବ ସରକାର ବେଳେ ବିଧାନସଭା କାର୍ଯ୍ୟକାଳ ଚାଲିଥିବା ସମୟରେ ଅନୁଷ୍ଠାନର ହଜାର ହଜାର ସଦସ୍ୟ ରାଜଧାନୀ ଉପରେ ଦିନରାତି ଆନ୍ଦୋଳନ କରିଥିଲେଛ ଏହାପରେ ଦିଲ୍ଲୀ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ବାସ୍ତବ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ଫଳରେ ସରକାରଙ୍କ ଦ୍ୱାରା ତୃତୀୟ ନକ୍ସାରେ ସଂଶୋଧନ କରାଯାଇ ସମୁଦ୍ରକୂଳ ଠାରୁ ୫ରୁ୧୦ କି.ମି ଦୂରରେ ରାଜପଥ ର୍ନିମାଣ ପାଇଁ ସ୍ଥିର ହୋଇଥିଲା।ଏହି କ୍ରମରେ ରାଜପଥ ପ୍ରାଧିକରଣ ପକ୍ଷରୁ ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ନଈଗୁଆଁ ମେଘାପାଟ ଗହିର ଠାରୁ ଉତ୍ତର ଓ ଦକ୍ଷିଣ ଦିଗରେ ଥିବା ଆଳସାହି, ଅଠତିରା,ଅସରଫିପୁର ,ବାରିପଦା, ବେଗୁନିଆବସ୍ତ ,ଦକ୍ଷିଣମୂଳ, ଜିଓଳ ,ଜିଉନ୍ତି, କଣ୍ଟାପଡ଼ା, କେନ୍ଦ୍ରାପାଟି,କୁଶ୍ଭେଶ୍ୱର, ମୁହୁଗଲ, ପିତାପଡ଼ା, ରିଭର ବ୍ଲକ ଓ ଆଳଙ୍ଗପୁର ପ୍ରଭୃତି ୧୫ଟି ରାଜସ୍ୱ ଗାଁର ଚିହ୍ନଟ ଜମିରେ ପ୍ରତି ୧୦୦ ମିଟର ଦୂରରେ ୧୫୦ ଫୁଟ୍ ପ୍ରଶସ୍ତରେ ୪ଲେନ୍ ରାସ୍ତା ପାଇଁ ଖୁମ୍ବ ପୋତାଯାଇଛି।ଏଥିସହ ବାଲିକୁଦା ତହସିଲର ୧୦, କାକଟପୁର ତହସିଲର ୧୪ ଏବଂ ଏରସମା ତହସିଲର ୧୬ ଟି ଗାଁ ଦେଇ ଏହି ରାଜପଥ ର୍ନିମାଣ ହେବା ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ସେତୁ ର୍ନିମାଣ ନିମନ୍ତେ ହଳଦିଆ ଖୁମ୍ବ ଲଗାଯାଇ ମାର୍ଗ ପ୍ରସ୍ତୁତ କରାଯାଇଛିଛବର୍ଷା ଦିନରେ ଡ୍ରୋନ୍ ସର୍ଭେ ହୋଇ ଜାଗା ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ପ୍ରତି ୧୦୦ ମିଟର୍ ଦୂରରେ ଖୁମ୍ବ ପୋତାଯାଇ ଜମି ଚିହ୍ନଟ ପକ୍ରିୟା ଆରମ୍ଭ କରାଯାଇଥିବାରୁ ଉପକୂଳ ଅଞ୍ଚଳରେ ଉପକୂଳ ରାଜପଥ ର୍ନିମାଣ ହେବାର ଆଶା ଦୃଢ଼ିଭୂତ ହୋଇଛି। ୩୪୬ କିଲୋମିଟର ଉପକୂଳ ରାଜପଥ ପ୍ରକଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ୧୭୬ କିଲୋମିଟର ରାମେଶ୍ୱର-ରତନପୁର ଏବଂ ୧୭୦ କିଲୋମିଟର ରତନପୁରରୁ-ଦିଘା ପର୍ଯ୍ୟନ୍ତ ଏହା ୫ଟି ପ୍ୟାକେଜରେ ର୍ନିମାଣ କରିବାକୁ ପ୍ରସ୍ତାବ ଅଛି। ଏହି ରାଜପଥ ର୍ନିମାଣ ହେଲେ ଉପକୂଳ ଅଞ୍ଚଳ ଏକ ବିକଶିତ ଅଞ୍ଚଳ ଭାବେ ଗଢ଼ି ଉଠିବ ବୋଲି ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ପଣ୍ଡିତ କାଳନ୍ଦୀ ଛାଟୋଇ କହିଛନ୍ତି।

